ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୨୧ ଜୁନ୍, ୨୦୨୧



## ଦୁଇ ଟ୍ରକ ମୁହାଁମୁହିଁ ଧକ୍କା : ଚାଳକ ମୃତ

ଲହୁଣୀପଡ଼ା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ୧୪୩ ନଂ. ଜାତୀୟ ରାଜପଥର ଚମ୍ପାଝରଣ ନିକଟରେ ରବିବାର ଦୁଇ ଟ୍ରକ ମୁହାଁମୁହିଁ ଧକ୍କା ହୋଇ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ଓଡ଼ି୦୫ ବିବି ୧୨୫୬ ନଂ. ଆଇଚର ଟ୍ରକ ଲହୁଣୀପଡା ପଟେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଓଡ଼ି ୧୬ସି ୫୦୫୯ ନଂ. ଟ୍ରକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଆଇଚର ଟ୍ରକ ଚାଳକ ଗୁରୁତର ହୋଇଥିଲେ। ଖବରପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ। ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ ମଧ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସଂକ୍ଷେପରେ

## ମହିଳାଙ୍କୁ ପ୍ରତାରଣା: ସମ୍ପର୍କୀୟ ଭାଇ ଗିରଫ

ଝାରସୁଗୁଡ଼ା ଅଫିସ,୨୦।୬: ବନହରପାଲି ଥାନା ଅଞ୍ଚଳରେ ରହୁଥିବା ଜଣେ ବିଧବା ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ମାମୁପୁଅ ଭାଇ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ମହିଳା ଜଣଙ୍କ ୭ମାସର ଗର୍ଭବତୀ ଅଛନ୍ତି। ଏଭଳି ସ୍ଥିତିରେ ଯୁବକ ଜଣଙ୍କ ତାଙ୍କୁ ବିବାହପାଇଁ ମନାକରିବାରୁ ପୀଡିତା ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୮୨/୨୧) ରୁଜୁକରି ତଦନ୍ତ କରୁଥିବାବେଳେ ସମ୍ପୃକ୍ତ ଯୁବକଙ୍କୁ ରବିବାର ଗିରଫ କରି ଝାରସୁଗୁଡ଼ା କୋର୍ଟ ଚାଲାଣ କରିଛି। ସେ ହେଲେ ଲଖନପୁର ଥାନା ସାଡେରା ବାହ୍ମଣୀପାଲି ଗ୍ରାମର ସୁଶାନ୍ତ ବିରଗଣ୍ଡିଆ (୩୨)।

## କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କ ପରଲୋକରେ ଶୋକ

ସମ୍ବଲପୁର,୨୦।୬ (ବ୍ୟୁରୋ): ଓଡ଼ିଆ ଚଳଚ୍ଚିତ୍ର ପ୍ରଚ୍ଛଦପଟ୍ଟ ଗାୟିକା ତପୁ ମିଶ୍ରଙ୍କ ବିୟୋଗରେ ସମ୍ବଲପୁରର କଣ୍ଠଶିଳ୍ପୀ, ମଞ୍ଚ ଅଭିନେତା, ଆଲବମ୍ କଳାକାର, ସଂଗୀତଜ୍ଞମାନେ ଶୋକ ପ୍ରକାଶ କରିଛନ୍ତି। ସମ୍ବଲପୁରର ଝିଅ ତପୁଙ୍କୁ ହରାଇ କଳାକାର ମହଲ ସ୍ତବ୍ଧ ହୋଇଯାଇଛି। ନାଟନାଟୁଆ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ନାଟ୍ୟ ନିର୍ଦ୍ଦେଶକ ଅତିଶ ଶତପଥୀ, କଳାକାର ଓ ନାଟ୍ୟକାର ବିରୁପାକ୍ଷ ପ୍ରଧାନ, ସଂଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ପୃଥକ ଭାବେ ଶୋକ ପ୍ରକାଶ କରିଛନ୍ତି। ଗୁରୁ ଜ୍ଞାନାଞ୍ଜନ ମହାପାତ୍ର ଶୋକବ୍ୟକ୍ତ କରି କହିଛନ୍ତି ଯେ ଛୋଟ ସମୟରୁ ତପୁ ମୋ ପାଖରେ ସଙ୍ଗୀତ ଶିକ୍ଷା ଗ୍ରହଣ କରୁଥିଲେ। ତାଙ୍କ ପରଲୋକରେ ମୁଁ ମର୍ମାହତ।

## ବଳାତ୍କାର ଘଟଣା: ଯୁବକ ଗିରଫ

କୁତ୍ରା,୨୦।୬(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖତକୁରବାହାଲ ଗ୍ରାମର ଜନୈକା ନାବାଳିକା (୧୭)ଙ୍କୁ ବଳାତ୍କାର ଘଟଣାରେ ପୋଲିସ ବବଲୁ କୁମାର(୨୩) ନାମକ ଜଣେ ଯୁବକଙ୍କୁ ରବିବାର ଗିରଫ କରିଛି। ବାଙ୍ଗାଲୋରଠାରେ କାମ କରୁଥିବା ନାବାଳିକା ଛୁଟିରେ ଘରକୁ ଆସିଥିବାବେଳେ ସିମଡେଗା ନିବାସୀ ବବଲୁ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ତେବେ ନାବାଳିକା ଜଣକ ଲୋକଲଜ୍ଜା କାରଣରୁ କାହାକୁ କିଛି ନ କହି ପୁଣି ବାଙ୍ଗାଲୋରକୁ ଫେରିଯାଇ କାମ କରୁଥିଲେ। ସେ ଗର୍ଭବତୀ ହୋଇ ବାଙ୍ଗାଲୋରରେ ଏକ ନର୍ସିଂହୋମରେ ୧୩।୧୨।୨୦୧୯ରେ ଏକ ସନ୍ତାନ ଜନ୍ମ ଦେଇଥିଲେ। କିନ୍ତୁ ଝିଅର ବୟସ ସେତେବେଳେ ୧୭ ବର୍ଷ ହୋଇଥିବା କାରଣରୁ ନର୍ସିଂହୋମ କର୍ତ୍ତୃପକ୍ଷ ସ୍ଥାନୀୟ ପୋଲିସକୁ ଏବାବଦରେ ଜଣାଇଥିଲେ। ସ୍ଥାନୀୟ ପୋଲିସ ନାବାଳିକାଙ୍କୁ ଏବାବଦରେ ପଚାରିଥିଲା। ସେ ପୋଲିସକୁ ସବୁ ସତକଥା କହିବା ପରେ ୩୧।୧।୨୦୨୦ରେ ନାବାଳିକା ବାଙ୍ଗାଲୋରେଠାରେ ଏକ ବଳାତ୍କାର ଅଭିଯୋଗ କରିଥିଲେ। ତା'ପରେ କୁତ୍ରା ପୋଲିସକୁ ଖବର ଦିଆଯାଇଥିଲା। କୁତ୍ରା ପୋଲିସ ଏବାବଦରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜୁଥିଲେ। ରବିବାର ଅଭିଯୁକ୍ତ ବବଲୁଙ୍କୁ ପୋଲିସ କୁତ୍ରାରୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ହୀରାକୁଦ ରିଜର୍ଭରୁ ବେଆଇନ ମାଟି ଉତ୍ତୋଳନ

- ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ଆଶଙ୍କା
- ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ନିଘା ନାହିଁ

ଝାରସୁଗୁଡ଼ା ଅଫିସ,୨୦।୬


ପାଉଁଶ ପୋଖରୀ ପାର୍ଶ୍ୱବର୍ତ୍ତୀ ହୀରାକୁଦ ଜଳଭଣ୍ଡାର ଅଞ୍ଚଳରୁ ଜେସିବିରେ ମାଟି ଉତ୍ତୋଳନ ଚାଲିଛି।

ହୀରାକୁଦ ନଦୀବନ୍ଧ ସଂରକ୍ଷିତ (ରିଜର୍ଭ) ଅଞ୍ଚଳରୁ ବାଲି, ମାଟି, ପଥର ଆଦି ଖଣିଜ ପଦାର୍ଥ ଉତ୍ତୋଳନ କରିବା ନିଷିଦ୍ଧ ରହିଛି। ଯଦି କେହି ଉତ୍ତୋଳନ କରିବାକୁ ଚାହେଁ ତା'ହେଲେ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ଅନୁମତି ଦିଆଯିବ କି ନାହିଁ ନିଷ୍ପତ୍ତି ନେଇଥାନ୍ତି। ହେଲେ ଏସବୁ ନୀତିନିୟମ ବେଖାତିର କରି ଉକ୍ତ ଅଞ୍ଚଳରୁ ବାଲି, ମାଟି ଓ ପଥର ଆଦି ଲୁଟ୍ ହେବାରେ ଲାଗିଛି। ଫଳରେ ସରକାରଙ୍କ ରାଜସ୍ୱ ହାନି ହେବା ସହ ମୃତ୍ତିକା କ୍ଷୟହୋଇ ହୀରାକୁଦ ଜଳଭଣ୍ଡାର ପୋତିହେବାରେ ଲାଗିଛି। ଏହାଦ୍ୱାରା ଜଳଭଣ୍ଡାରର ଜଳଧାରଣ କ୍ଷମତା ହ୍ରାସ ପାଇ ଗ୍ରୀଷ୍ମଋତୁରେ ପାଣି ସମସ୍ୟା ଓ ବର୍ଷାଋତୁରେ ବନ୍ୟା ସମସ୍ୟା ଦେଖାଦେଉଛି। ଏହାର ପ୍ରଭାବ ଶକ୍ତି ଉତ୍ପାଦନ ଓ ନଦୀବନ୍ଧ ଉପରେ ପଡୁଛି। ଆଗାମୀ ଦିନରେ ନଦୀବନ୍ଧ ପାଇଁ ଏହା ବିପଦ ସୃଷ୍ଟି କରିବ ବୋଲି ପରିବେଶବିତ୍ ଆଶଙ୍କା କଲେଣି। ଏ ଦିଗରେ ଡ୍ୟାମ୍ ପ୍ରୋଜେକ୍ଟ କର୍ତ୍ତୃପକ୍ଷଙ୍କ ନିଘା ନ ଥିବାବେଳେ ଲୁଟେରାମାନେ ସକ୍ରିୟ ହୋଇ ଖଣିଜ ପଦାର୍ଥ ଲୁଟ୍ କରିବାରେ ଲାଗିଛନ୍ତି। ଏଭଳି ଘଟଣା ବନହରପାଲିସ୍ଥିତ ଓପିଜିସିର ପାଉଁଶ ପୋଖରୀ ପାର୍ଶ୍ୱରେ ଥିବା ହୀରାକୁଦ ରିଜର୍ଭ ଅଞ୍ଚଳରେ ଦେଖିବାକୁ ମିଳିଛି। ଦୀର୍ଘ ୨ମାସ ହେଲା ଏଠାରୁ ବେଆଇନ ଭାବେ ହାଇୱା ଓ ଜେସିବି ମାଧ୍ୟମରେ ମାଟି ଉତ୍ତୋଳନ କରାଯାଉଛି। ଏହି ମାଟି ଓପିଜିସିର ପାଉଁଶ ପୋଖରୀ ବନ୍ଧରେ ବ୍ୟବହାର କରାଯାଉଛି। ଏହା ଏକ ନିଷିଦ୍ଧାଞ୍ଚଳ ହୋଇଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ କିଭଳି ମାଟି ଉତ୍ତୋଳନ କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ହୀରାକୁଦ ଡ୍ୟାମ୍ ପ୍ରୋଜେକ୍ଟ ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର ସୁଧୀର କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ସେ ଅଞ୍ଚଳରୁ ମାଟି ଉତ୍ତୋଳନ ପାଇଁ କାହାରିକୁ ଅନୁମତି ଦିଆଯାଇନାହିଁ। ଯଦି ଏପରି ହେଉଛି ତା'ହେଲେ ଡ୍ୟାମ୍ ପ୍ରୋଜେକ୍ଟ ତରଫରୁ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। ଏ ନେଇ ଓପିଜିସିର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରା କହିଛନ୍ତି, ପାଉଁଶ ପୋଖରୀ ଅଞ୍ଚଳରେ ମାଟି ଓ ଘାସ ଲଗାଇବା ପାଇଁ ଠିକାଦାରଙ୍କୁ ଟେଣ୍ଡର ଦିଆଯାଇଛି। ଟେଣ୍ଡର ନିୟମ ଅନୁଯାୟୀ ଠିକାଦାର ଘାସ ଓ ମାଟି ଯୋଗାଉଛନ୍ତି। କିନ୍ତୁ ସେ ଏହାକୁ କେଉଁଠୁ ଆଣୁଛନ୍ତି ସେ ସମ୍ପର୍କରେ କମ୍ପାନୀ ଜାଣିବାର କୌଣସି ଆବଶ୍ୟକତା ନାହିଁ।

## ୨୩ରେ ଶାସନ କେନାଲରେ ଛଡ଼ାହେବ ପାଣି

ସମ୍ବଲପୁର,୨୦।୬ (ବ୍ୟୁରୋ)

ଆସନ୍ତା ଖରିଫ ଚାଷ ପାଇଁ ଶାସନ କେନାଲରେ ଜୁନ ୨୩ ତାରିଖଠାରୁ ପାଣି ଛଡା ହେବ। ରବି ଚାଷ ସରିବା ପରେ ମେ' ୧୦ଠାରୁ କେନାଲରେ ପାଣି ବନ୍ଦ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୦୦ କ୍ୟୁସେକ ପାଣି ଛଡାହେବ ବୋଲି ଜଳସେଚନ ନିର୍ବାହୀଯନ୍ତ୍ରୀ ପ୍ରମୋଦ ପଣ୍ଡା କହିଛନ୍ତି। ସେ କହିଛନ୍ତି, କେତେକ ଚାଷୀ ପାଣି ଛାଡିବା ପାଇଁ ଦାବି କରିଥିଲେ। ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରିରେ ସୋମବାରଠାରୁ ଓ ହୁମା ଡିଷ୍ଟ୍ରିବ୍ୟୁଟାରିରେ ମଙ୍ଗଳବାରଠାରୁ ପାଣି ଛଡା ହେବ।

## ଶିକ୍ଷାବିତ୍ ସଚ୍ଚିଦାନନ୍ଦ ପ୍ରଧାନଙ୍କ ପରଲୋକ

ସମ୍ବଲପୁର,୨୦।୬ (ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଳ ଗ୍ରାମର ଶିକ୍ଷାବିତ୍ ସଚ୍ଚିଦାନନ୍ଦ ପ୍ରଧାନଙ୍କ ପରଲୋକ ଘଟିଛି। ସମ୍ବଲପୁର ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମାନେଶ୍ୱର ବ୍ଲକ ପରମାଣ ସର୍କଲର ବିଭିନ୍ନ ସ୍କୁଲରେ ସେ ଶିକ୍ଷାଦାନ କରିଥିଲେ। ଚାକିରି କାଳରେ ସେ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି।

## ସମ୍ବଲପୁର ଆଥ୍‌ଲେଟିକ୍ କ୍ଲବରେ ମିଲ୍‌ଖାଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୨୦।୬ (ବ୍ୟୁରୋ)

ଫ୍ଲାଇଙ୍ଗ ଶିଖ୍ ମିଲ୍‌ଖା ସିଂଙ୍କୁ ସମ୍ବଲପୁର ଆଥ୍‌ଲେଟିକ୍ କ୍ଲବଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କିମ୍ବଦନ୍ତୀ ଆଥ୍‌ଲେଟଙ୍କ ପରଲୋକରେ କ୍ରୀଡାବିତ୍‌ମାନେ ଗଭୀର ଶୋକ ଜଣାଇଛନ୍ତି। ସମ୍ବଲପୁର ଆଥ୍‌ଲେଟିକ୍ କ୍ଲବ ସମ୍ପାଦକ ସୁନ୍ଦରମଣି ବାରିକ, ପ୍ରଶିକ୍ଷକ ପ୍ରୀତି ପୋଡ଼୍, ବିକାଶ ପ୍ରଧାନ, ଚାନ୍ଦନୀ ଓରାମ, ସୀମାଞ୍ଚଳ ସେଠୀ, ଡୋଳାମଣି ପ୍ରଧାନ ପ୍ରମୁଖ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଶ୍ରଦ୍ଧାଞ୍ଜଳି ଜଣାଇଲେ ମନ୍ତ୍ରୀ, ବିଧାୟକ

ଝାରସୁଗୁଡ଼ା ଅଫିସ,୨୦।୬

ଝାରସୁଗୁଡା କାଳୀମନ୍ଦିର ରୋଡ୍ ବିଜେଡି କାର୍ଯ୍ୟାଳୟରେ ରବିବାର ଟାଉନ ସଭାପତି ସନ୍ଦୀପ ଅବସ୍ଥୀଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱର୍ଗତ ନେତା ଓ କର୍ମୀଙ୍କ ମଧ୍ୟରେ ଗିରିଶ ରଞ୍ଜନ ପଣ୍ଡା, ମହେଶ ପାଣ୍ଡେ, ମନବୋଧ ବେସନ, ସୁବାସ ଧଳ, ଶେଖର ରାଓଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ଝାରସୁଗୁଡା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ,ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସ ରାୟ ଚୌଧୁରୀ, ରବି ସିଂହ, ଜିଲା ଉପସଭାପତି ମନରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ତ୍ରିନାଥ ଗୁଆଲ, ପୂର୍ବତନ ପୌରାଧ୍ୟକ୍ଷ ହରିଶ ଗଣତ୍ରା, ବିଜେଡି ଜିଲା ଯୁବ ସଭାପତି ପ୍ରଶାନ୍ତ ଜେନା,ଏସ୍‌ସି ସେଲ୍ ସଭାପତି ଜୟ ପ୍ରକାଶ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## କଚେରି ଛକରେ ବିଶ୍ୱ ଜାଗୃତି ଦିବସ

ସମ୍ବଲପୁର,୨୦।୬ (ବ୍ୟୁରୋ): ସ୍ୱଦେଶୀ ଜାଗରଣ ମଞ୍ଚ ସମ୍ବଲପୁର ଶାଖା ପକ୍ଷରୁ ରବିବାର ବିଶ୍ୱ ଜାଗୃତି ଦିବସ କଚେରି ଛକଠାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ପକ୍ଷରୁ ସମ୍ପୂର୍ଣ୍ଣ ଟିକାକରଣ, ସୁଲଭ ମୂଲ୍ୟ, ପର୍ଯ୍ୟାପ୍ତ ପରିମାଣରେ ଟିକା ଓ ଔଷଧ ଉପଲବ୍ଧ କରିବା ନେଇ ଅଭିଯାନ ଆରମ୍ଭ କରାଯାଇଛି। କଚେରି ଛକ ଶହୀଦ ସ୍ତମ୍ଭଠାରେ ମଞ୍ଚ ଆବାହକ, କର୍ମକର୍ତ୍ତାମାନେ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ମଞ୍ଚର ସମ୍ବଲପୁର ବିଭାଗ ସଂଯୋଜକ ଦିଲୀପ ପଣ୍ଡାଙ୍କ ପରିଚାଳନାରେ ଡା. ରାଜକୁମାର ବଡପଣ୍ଡା, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ସାମିଲ ଥିଲେ।

## ରାଜପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ବ୍ରଜରାଜନଗର,୨୦।୬(ଡି.ଏନ.ଏ.)

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ରାଜପୁର ପଞ୍ଚାୟତ ଡୁରିପଡାଠାରେ ନବନିର୍ମିତ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୁଖ୍ୟଅତିଥି ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଉଦ୍‌ଘାଟନ କରିଛନ୍ତି। ଏହାସହ ୫୦ ଲକ୍ଷ ଟଙ୍କାରେ ରାଜପୁର ହାଇସ୍କୁଲ ଓ ୪୧ଲକ୍ଷରେ ତିଲେଇମାଲ ଉଚ୍ଚ ବିଦ୍ୟାଳୟ କୋଠା ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ କିଶୋର କୁମାର ମହାନ୍ତି, ବିଜେଡି ଉପସଭାପତି ବିଶ୍ୱନାଥ ନାୟକ, ଭାଜପା ନେତା ବବଲୁ ଦାଶ, ରାଧାକାନ୍ତ ପ୍ରଧାନ, ରାଜପୁର ସମିତିସଭ୍ୟ ଗଣେଶରାମ ବାଗ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଘରେ ପଶି ଟଙ୍କା ଚୋରି

**ଗ୍ରାମବାସୀଙ୍କ ସହାୟତାରେ ୨ଜଣଙ୍କୁ କାବୁକଲେ ଗୃହକର୍ତ୍ତା**

ଦେବଗଡ଼,୨୦।୬ (ଡି.ଏନ.ଏ)

ଦେବଗଡ଼ ଥାନା ଅନ୍ତର୍ଗତ ବିଜୟନଗର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ନଗଦ ଟଙ୍କା, ସୁନାଗହଣା ଓ ମୋବାଇଲ ଫୋନ ଚୋରିକରି ଫେରାର୍ ହୋଇଯାଉଥିବାବେଳେ ୨ ଚୋର ଗୃହକର୍ତ୍ତା ଓ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ୨ଜଣ ଦୁର୍ବୃତ୍ତ ଗ୍ରାମର ଜମିଦାର ପ୍ରଧାନଙ୍କ ଘରେ ପଶି ନଗଦ ୪୫୦୦ ଟଙ୍କା, ସୁନାଚେନ, ସୁନା ଚୁଡି, ମୋବାଇଲ ଫୋନ ଓ ମୋବାଇଲ ଚାର୍ଜର ଚୋରି କରି ନେଇଯାଇଥିଲେ। ଏକଥା ଜଣାପଡିବା ପରେ ଜମିଦାର ତୁରନ୍ତ ସେମାନଙ୍କର ପିଛା କରିବା ବେଳେ ଅଙ୍ଗନୱାଡି କେନ୍ଦ୍ର ନିକଟରେ ଏକ ବାଇକ ନଂ. ଓଆର-୧୯-୭୪୬୩ ଠିଆ ହୋଇଥିବା ଦେଖିବାକୁ ପାଇଥିଲେ। ସହାୟତା ପାଇଁ ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଡାକଶୁଣି ପ୍ରାଥମିକ ବିଦ୍ୟାଳୟ ନିକଟରେ ରହୁଥିବା କ୍ଷମାନିଧି ବେହେରା ଓ ତାଙ୍କ ସ୍ତ୍ରୀ ବାହାରକୁ ବାହାରବା ପରେ ଜମିଦାର, ତାଙ୍କ ସ୍ତ୍ରୀ ଅମ୍ବିକା ପ୍ରଧାନ, କ୍ଷମାନିଧି ବେହେରା ଓ କ୍ଷମାନିଧିଙ୍କ ସ୍ତ୍ରୀ ମିଶି ଉକ୍ତ ଗ୍ରାମର ହରି ନାୟକ ଓ ଦୁଷ୍ମନ୍ତ ବେହେରାଙ୍କୁ କାବୁ କରିଥିଲେ। ସେମାନେ ପ୍ରଥମେ ଗ୍ରାମରକ୍ଷୀଙ୍କୁ ଜଣାଇବା ପରେ ଦେବଗଡ ଆଦର୍ଶ ଥାନା ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୋଲିସ ହରି ଓ ଦୁଷ୍ମନ୍ତଙ୍କୁ ଥାନାକୁ ଆଣିଥିଲେ। ସେହିପରି ବ୍ୟବହୃତ ବାଇକ୍‌କୁ ମଧ ଜବତ କରି ଥାନାକୁ ନେଇଯାଇଥିଲେ। ପଚରାଉଚରା ସମୟରେ ହରି ଓ ଦୁଷ୍ମନ୍ତ ନଗଦ ୪୫୦୦ ଟଙ୍କା ଚୋରି କରିଥିବା ସ୍ୱୀକାର କରିବାରୁ ସେମାନଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରାଯିବା ସହ ଗିରଫ କରାଯାଇଛି। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଦେବଗଡ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ସୂଚନା ଦେଇଛନ୍ତି।

## ବିବାଦ ଦେଖାଦେବାରୁ ଧାନ କିଣି ନ ଥିଲି: ଏମ୍‌ଡି

**ଲ୍ୟାମ୍ପସ୍‌ରେ ଜାଲିଆତି ପ୍ରସଙ୍ଗ...**

ବଡ଼ଗାଁ,୨୦।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଲ୍ୟାମ୍ପସ୍‌ରେ ଗତବର୍ଷ ଚାଷୀଙ୍କ ଠାରୁ ଧାନ କିଣାରେ ଜାଲିଆତି କରି ରେଜିଷ୍ଟ୍ରେସନ୍ କରାଯାଇଥିବାରୁ ଅନେକ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଥିଲେ। ବାଉଁସେନ ଗ୍ରାମର ଆଶାବତୀ କାଲୋଙ୍କ ଖାତା ନଂ. ୨୫ରେ ଥିବା ୧୦ ଏକର ଜମିକୁ ବୁଦୁନା ଗ୍ରାମର ଦେବେନ୍ଦ୍ର ମାଝିଙ୍କ ନାମରେ ଦର୍ଶାଇ ତାଙ୍କ ନାମରେ ଧାନ କିଣିବାକୁ ଲ୍ୟାମ୍ପସ୍‌ରେ ରେଜିଷ୍ଟ୍ରେସନ କରାଇଥିଲେ। ଦେବେନ୍ଦ୍ରଙ୍କ ଜମା ଖାତାରେ ଲକ୍ଷାଧିକ ଟଙ୍କା ଉଠାଣ କରାଇ ଲ୍ୟାମ୍ପସ୍‌ର ଜଣେ କର୍ମଚାରୀଙ୍କ ଭାଇ ଟଙ୍କା ନେଇଥିବା ଦେବେନ୍ଦ୍ରଙ୍କଠାରୁ ଜଣାପଡିଥିଲା। ଏହି ଘଟଣା ସମ୍ପର୍କରେ ଲ୍ୟାମ୍ପସ୍ ଏମଡି ଭୋଳାନାଥ ପଟେଲଙ୍କୁ ପଚାରିବାରେ ବିବାଦୀୟ ପରିସ୍ଥିତି ଉପୁଜିବାରୁ ତାଙ୍କ ନାମରେ ଧାନ କିଣା ବନ୍ଦ କରି ଦେଇଥିଲି କହିଛନ୍ତି। ତେବେ ବୃଦ୍ଧା ଆଶାବତୀଙ୍କ ୧୦ ଏକର ଜମିକୁ ଅନ୍ୟ ନାମରେ ରେଜିଷ୍ଟ୍ରେସନ୍ କରିବାରୁ ସେ ଖୋଲା ବଜାରରେ ସ୍ୱଳ୍ପ ମୂଲ୍ୟରେ ଧାନ ବିକ୍ରି ପାଇଁ ବାଧ ହୋଇଥିଲେ। ଚାଷୀଙ୍କ ଧାନ କିଣିବାକୁ ସରକାରଙ୍କ ନିର୍ଦ୍ଦେଶ ଏଠାରେ ଖିଲାପ କରାଯାଇଥିବା ଓ କେତେକ ଚାଷୀ ବିରୋଧି କାର୍ଯ୍ୟକଳାପରେ ଲିପ୍ତ ଥିବା ଏହି ଘଟଣାରୁ ପ୍ରମାଣିତ ହେଉଥିଲା ବେଳେ ବିଭାଗୀୟ ଅଧିକାରୀମାନଙ୍କ ଅସାଧୁ କର୍ମଚାରୀଙ୍କ ପ୍ରତି ଅନୁକମ୍ପା ଚାଷୀଙ୍କୁ କ୍ଷତିରେ ପକାଉଥିବା ସାଧାରଣରେ ଆଲୋଚନା ହେଉଛି।

# ଚୋରା କୋଇଲା ଟ୍ରକ ଜବତ: ଦୁଇ ଗିରଫ

ଲହୁଣୀପଡ଼ା,୨୦।୬(ଡି.ଏନ୍.ଏ.)


ଚୋରା କୋଇଲା ବୋଝେଇ ଟ୍ରକ୍‌ସହ ୨ ଅଭିଯୁକ୍ତ।

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥର ଶୁଖାବନ୍ଧ ପଟିଆଲା ଢ଼ାବା ନିକଟରୁ ରବିବାର ଚୋରା କୋଇଲା ଟ୍ରକ୍ ଜବତ କରିଛି ପୋଲିସ। ବେଆଇନ ଭାବେ ଟ୍ରକରେ ଚୋରା କୋଇଲା ଝାଡ଼ଖଣ୍ଡ ଚାଲାଣ ହେଉଥିବା ବେଳେ ଲହୁଣୀପଡ଼ା ପୋଲିସ ଚଢାଉ କରି ଟ୍ରକକୁ ଜବତ କରିଛି। ଏହା ସହିତ ଦୁଇଜଣ କୋଇଲା ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, କେ. ବଲାଙ୍ଗ ଥାନା ଅନ୍ତର୍ଗତ ପଟାସାହି ରେଲୱେ ସାଇଡ଼ିଂରୁ ଦଶ ଚକିଆ ଟ୍ରକ ଜେଏଚ୍ ୧୦କ୍ୟୁ ୦୭୫୩ ନଂ. ଯୋଗେ ପ୍ରାୟ ୩୦ଟନ ଚୋରା କୋଇଲା ବୋଝେଇ କରି ଝାଡ଼ଖଣ୍ଡକୁ ଉମା ପ୍ରସାଦ (୪୧) ଏବଂ ସଞ୍ଜୟ ପାଠକ (୪୦) ଚାଲାଣ କରୁଥିବା ବେଳେ କୌଣସି ସୂତ୍ରରୁ ଲହୁଣୀପଡା ପୋଲିସ ଖବରପାଇ ଉକ୍ତ ଗାଡିକୁ ଚଢ଼ାଉ କରିଥିଲେ। କାଗଜପତ୍ର ଯାଞ୍ଚ ବେଳେ ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ କୋଇଲା ଚୋରା ଚାଲାଣ ହେଉଥିବା ସ୍ପଷ୍ଟ ଜଣାପଡିଥିଲା। ପୋଲିସ ଉକ୍ତ କୋଇଲା ବୋଝେଇ ଟ୍ରକକୁ ଜବତ କରିବା ସହିତ ଉମା ପ୍ରସାଦ ଓ ସଞ୍ଜୟ ପାଠକଙ୍କୁ ଗିରଫ କରିରବିବାର କୋର୍ଟଚାଲାଣ କରିଛି।

CLASSIFIED DISPLAY
MORE SPACE • SAME PRICE
TARIFF GST 5%

| | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା ମକବୁଲ ଖାନ୍ ବଙ୍ଗାଲୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତରେ ନଂ.1 କମ୍ପାନୀ
ଲୋନ୍ T&C
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବାମପନ୍ଥୀ ଦଳର ଆନ୍ଦୋଳନକୁ ଡିୱାଇଏଫ୍‌ଆଇର ସମର୍ଥନ

**ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧିକୁ ବିରୋଧ**

ରାଉରକେଲା ଅଫିସ/ ବେଦବ୍ୟାସ, ୨୦।୬ (ଡି.ଏନ.ଏ): ଦେଶରେ ତାଲାବନ୍ଦି ଜନିତ ଅତି କଠିନ ପରିସ୍ଥିତିରେ କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯଥା ଖାଇବା ତେଲ, ଡାଲି ଆଦିର ମୂଲ୍ୟ ବୃଦ୍ଧି କରି ଟିକସ୍‌ର ସମସ୍ତ ବୋଝକୁ ସାଧାରଣ ଲୋକଙ୍କ ଉପରେ ଲଦି ଚାଲିଛନ୍ତି। ଏପରି ଜନବିରୋଧି ନୀତିକୁ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ୍ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଗୋଟାଏ ପଟେ ତାଲାବନ୍ଦି ଯୋଗୁ ଲକ୍ଷଲକ୍ଷ ଲୋକ କାମ ହରାଉଥିଲାବେଳେ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଅନ୍ୟପଟରେ ଦରଦାମ ବୃଦ୍ଧି ଲୋକଙ୍କ ଉପରେ ବେଡି ଉପରେ କରୋଡ଼ା ମାଡ ସଦୃଶ ହୋଇଛି। ଏହା ବିରୁଦ୍ଧରେ ସିପିଆଇଏମ ସମେତ ଦେଶର ୫ ପ୍ରମୁଖ ବାମପନ୍ଥୀ ଦଳ ଜୁନ ୧୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତିବାଦ ଆନ୍ଦୋଳନ ପାଇଁ ଡାକରା ଦେଇଥିଲାବେଳେ ଏହି ଆନ୍ଦୋଳନରେ ଡିୱାଇଏଫ୍‌ଆଇ ସାମିଲ ହେବାକୁ ନିଷ୍ପତ୍ତି ଗ୍ରହଣ କରିଛି। ତାଲାବନ୍ଦୀ ଯୋଗୁ କାମ ହରାଇଥିବା ଲୋକଙ୍କୁ ଚିହ୍ନଟ କରି ସରକାରୀ ପ୍ରୋତ୍ସାହନ ଓ ବେକାର ଯୁବତୀ ଯୁବକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ କାମ ଯୋଗାଇଦେବା ଦାବିରେ ଆହୂତ ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଡିୱାଇଏଫ୍‌ଆଇ ସୁନ୍ଦରଗଡ ଜିଲା କମିଟି ନିଷ୍ପତ୍ତି ଗ୍ରହଣ କରିଛି ବୋଲି ପ୍ରେସ ବିବୃତ୍ତିରେ ସଙ୍ଗଠନର ଜିଲା ସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଶେଖର ଶର୍ମା, ଉପସଭାପତି ବାଦଲ ବାରିକ, ସତ୍ୟମ୍ ତନ୍ତୀ, ନିର୍ମଳ ଦାସ, କବି ପ୍ରଧାନ, ମହମ୍ମଦ ଆରିଫ, ବିନୟ ଯାଦବ, ପ୍ରଭାତ କୁମାର ପାତ୍ର, ଡାମିଆନ୍ ଲାକ୍ରା ପ୍ରମୁଖ ଜଣାଇଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଓଁ ସାଇରାମ

୰ସୁବାସିନୀ ପ୍ରଧାନ
ଆବିର୍ଭାବ : ୨୦-୧୧-୧୯୫୭
ତିରୋଧାନ : ୧୧-୦୬-୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-: ଶୋକସନ୍ତପ୍ତ :-
ସାମୀ-ଶ୍ରୀ ରାମଚନ୍ଦ୍ର ପ୍ରଧାନ, ପୁଅ-ସ୍ମୃତି ରଞ୍ଜନ ପ୍ରଧାନ, ବୋହୂ-ମୋମି ପ୍ରଧାନ, ନାତି-ହଂସରାଜ ପ୍ରଧାନ, ଭାଇ-ପ୍ରମୋଦ କୁମାର ରାଉତରାୟ ଓ ଭାଉଜ-ଶାନ୍ତିଲତା ରାଉତରାୟ, ସମୁଦି-ସମୁଦୁଣୀ, ଦିଅର-ଯା, ପୁତୁରା-ବୋହୂ, ନଣନ୍ଦ-ନଣଦେଇ, ମଉସା-ମାଉସୀ, ଭଉଣୀ-ଭିଣେଇ, ଭଣଜା-ବୋହୂ, ଭାଣିଜୀ-ଜ୍ୱାଇଁ, ଝିଆରି-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୭୧୧୦୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ହେମଲତା ମିଶ୍ର
୩୬- ରତ୍ନାକରବାଗ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୨୮
ତିରୋଧାନ: ୧୨।୦୬।୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଏବଂ ଲୋକପ୍ରିୟତା ପାଇଁ ଆପଣ ଚିର ସ୍ମରଣୀୟ ହୋଇ ରହିବେ। ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ନିବେଦନ। ଶୋକସନ୍ତପ୍ତ:- ସ୍ୱାମୀ: ସୀରପାଣୀ ମିଶ୍ର, ପୁତ୍ର: ରାଜକିଶୋର, ପୁତ୍ରବଧୂ: ରମା, ପୁତ୍ର: କୁମାର ବଲ୍ଲଭ, ପୁତ୍ରବଧୂ: ବୁଚୁ, ପୁତ୍ର: ଦିଲ୍ଲିପ କୁମାର, ଝିଅ: ସ୍ୱର୍ଣ୍ଣପ୍ରଭା, ଜ୍ୱାଇଁ: ରାଜ କିଶୋର, ନାତି ଏବଂ ଅଣନାତି, ଅଣନାତୁଣୀ ଓ ପରିବାରବର୍ଗ।
ଧ-୭୦୮୫୩

ଶ୍ରଦ୍ଧାଞ୍ଜଳି

୰ଗଡ଼ତିଆ ମହାପାତ୍ର
ଗ୍ରାମ: କୁଟସିରା, ଖାରୀ, ସୁବର୍ଣ୍ଣପୁର
ଆବିର୍ଭାବ: ୧୧।୦୬।୧୯୪୮
ତିରୋଧାନ: ୧୧।୦୬।୨୦୨୧
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଏହାହିଁ ମା' ପୂର୍ଣ୍ଣମାସୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆମର ପ୍ରାର୍ଥନା।
:ଶ୍ରଦ୍ଧାଞ୍ଜଳି ସହ:
ପାର୍ଥବ ମହାପାତ୍ର, ସାର୍ଥବ ମହାପାତ୍ର, ଲକ୍ଷ୍ମିନ୍ଦ୍ର ମହାପାତ୍ର, କାର୍ତ୍ତିକ ମହାପାତ୍ର, ଯଚିନ୍ଦ୍ର ମହାପାତ୍ର ଓ ପରିବାରବର୍ଗ।
ଧ-୭୦୯୨୮

ପ୍ରଥମ ବାର୍ଷିକ

୰ଆଶିଷ କୁମାର ମହାପାତ୍ର
ଆବିର୍ଭାବ: ୩୦।୦୯।୧୯୬୭
ତିରୋଧାନ: ୦୨।୦୬।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର: ବାଦଲ, ଆକାଶ, ଝିଅ: ବର୍ଷା, ନିଧି, ଭଣଜା: ଶିବା
ଧ-୨୦୯୧୮

ଏକାଦଶାହ ଉପଲକ୍ଷେ

୰ ସତ୍ୟଭାମା ତ୍ରିପାଠୀ
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଶ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି
ଧ-୨୦୯୧୧

## ଟାଟା ଏସିଇ ସହ ୨୧ଖଣ୍ଡ ଶାଳଗଣ୍ଡି ଜବତ

ଉଲୁଣ୍ଡା,(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଓ ବିନିକା ବନ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇ ବିନିକା ବ୍ରିଜଠାରୁ ଟାଟା ଏସିଇ ସହିତ ୨୧ଖଣ୍ଡ ଶାଳଗଣ୍ଡି ଜବତ କରାଯାଇଛି। ସେଠାରେ ଗାଡିକୁ ଛାଡି ଦେଇ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ସେହି ବିଭାଗ ତରଫରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଶନିବାର ରାତିରେ ମୁଣ୍ଡୋମାହୁଲ ପଟରୁ ଏକ ଟାଟା ଏସିଇ ଓଆର-୧୭ ଏଫ-୧୧୧୬ ଯୋଗେ ଶାଳକାଠ ବୋଝେଇ କରି ତୁରୁମ ଅଞ୍ଚଳକୁ ଯାଉଥିବା ଖବର ପାଇ ରେଞ୍ଜର ଶିବପ୍ରସାଦ ନାଏକଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରସନ ନାଏକ, ଜଗବନ୍ଧୁ ବାରିକ, ବିନୋଦ ବିହାରୀ ସାହୁ, ଆଶୁତୋଷ ହୋତା ଓ ଷ୍ଟାଫ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

କେସିଙ୍ଗା,୨୦।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ତୁର୍ଲା ଖମନ ଗ୍ରାମ ପଞ୍ଚାୟତ ପରିସର ମଧ୍ୟରେ ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୧ଜଣଙ୍କ ଠାରୁ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଭବାନୀ ଶଙ୍କର ନିଆଲ, ଜିଲା ଛାତ୍ର ବିଜେଡି ସମ୍ପାଦକ ଲୋକେଶ ସାହୁ, ଯୁବନେତା ହେମନ୍ତ ସାହୁ, ପୂର୍ବତନ ସରପଞ୍ଚ ଯଜ୍ଞେଶ୍ୱର ସାହୁ, ଖୃତିସୁତା ମାଝୀ, ଆର୍ତ୍ତତ୍ରାଣ ସିଂହ ପ୍ରମୁଖ ଯୋଗ ଦେଇଥିଲେ।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବାଉଁଶୁଣୀ,୨୦।୬ (ଡି.ଏନ.ଏ): ବୌଦ୍ଧ ବ୍ଲକ ଶଗଡା ପଞ୍ଚାୟତ ଶରଧାବାଲି ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପ୍ରଧାନ (୬୭)ଙ୍କ ପରଲୋକ ଘଟିଛି। ଗତ କିଛି ଦିନ ତଳେ ସେ ଜ୍ୱରରେ ଆକ୍ରାନ୍ତ ହୋଇ ସୋନପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ସରିଆଁ କ୍ଲଷ୍ଟରସ୍ତରୀୟ ସମୀକ୍ଷା ବୈଠକ

ଭବାନୀପାଟଣା,୨୦।୬ (ଡି.ଏନ.ଏ): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ସରିଆଁ କ୍ଲଷ୍ଟରସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ସୁଧୀର କୁମାର ଧଙ୍ଗଡା ମାଝୀ ଏଥିରେ ଅଧକ୍ଷତା କରିଥିଲେ। ଏହି ବୈଠକରେ ପିଲାଙ୍କ ନାମଲେଖା, ଇ- ଅଭିଭାବକ- ଶିକ୍ଷକ ସମ୍ମିଳନୀ, ଅନ୍‌ଲାଇନ ଶିକ୍ଷାଦାନ, ଇ- ପାଠଶାଳା, ଇ- ମୂଲ୍ୟାଙ୍କନ, ଶିକ୍ଷା ସଂଯୋଗ, ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ମୋ ସ୍କୁଲ ଅଭିଯାନ, ଇକୋ କ୍ଲବ, ପୁସ୍ତକ ବଣ୍ଟନ, ଆଦୌ ନାମ ଲେଖାଇ ନ ଥିବା ଓ ଅଧାରୁ ପାଠ ଛାଡିଥିବା ପିଲାଙ୍କ ତଥ୍ୟ ସଂଗ୍ରହ, ଶିକ୍ଷକ ପ୍ରୋଫାଇଲ୍ ନବୀକରଣ ଆଦି କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ଏଥିରେ ସରିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋକୁଳ ସାହୁ, ମହୁଲପଦା ପ୍ରାଥମିକ ବିଦ୍ୟାଳୟର ଚନ୍ଦ୍ରମଣି ନାଗ, ଗୋଖରା ପ୍ରାଥମିକ ବିଦ୍ୟାଳୟର ଶୁକଦେବ ସାହା, ନୂଆପଡା ପ୍ରାଥମିକ ବିଦ୍ୟାଳୟର ସାରଙ୍ଗ ବହିଦାର , ସାନଗୁଣ୍ଡୁରୀ ପ୍ରାଥମିକ ବିଦ୍ୟାଳୟର ସନ୍ତୋଷ କୁମାର ଭୋଇ, ଡଙ୍ଗରଗୁଣ୍ଡୁରୀ ପ୍ରାଥମିକ ବିଦ୍ୟାଳୟର ଭଗବାନ ମାଝୀ, ଚିଆଁପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଗଦୀଶ ପ୍ରସାଦ ସାହୁ, ହିମାଦ୍ରି ଭୋଇ, ଧର୍ମେନ୍ଦ୍ର ମାଝୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ପଲିଥିନ ତଳେ ବିତୁଛି ଜୀବନ

**ବାଉଁଶୁଣୀ,୨୦।୬ (ଡି.ଏନ.ଏ.)**

ରାଜ୍ୟ ଓ କେନ୍ଦ୍ର ସରକାର ଅସହାୟ, ଗରିବ ଲୋକଙ୍କ କଚ୍ଚା ଘରକୁ ୨୦୨୨ ସୁଦ୍ଧା ପକ୍କା ଘର କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ୨୦୧୧ ମସିହାରେ ଏସଇସିସି ସର୍ଭେ ମଧ୍ୟ ହୋଇଛି। ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡନ୍ତି ସେଥିପାଇଁ ବ୍ଲକ ସ୍ତରରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଅଧିକାରୀ ନିଯୁକ୍ତି କରିଛନ୍ତି। ତଥାପି ଯୋଗ୍ୟ ହିତାଧିକାରୀ ଘର ନ ପାଇ ଅଯୋଗ୍ୟ ବ୍ୟକ୍ତି ଘର ହାତେଇବା ଘଟଣା ବୌଦ୍ଧ ବ୍ଲକରେ ନୂଆ ନୁହେଁ। ଅନ୍ୟପଟେ ଘର ଖଣ୍ଡିଏ ନ ପାଇ ଅସହାୟ ପରିବାର କିପରି ପଲିଥିନ ତଳେ ଦିନ କାଟୁଛନ୍ତି ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ। ଏହା ଜିଲାର କୌଣସି ଉପାନ୍ତ ଅଞ୍ଚଳର ଘଟଣା ନୁହେଁ। ଘଟଣା ହେଲା ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ




ଅଫିସ ସମ୍ମୁଖରେ ରୁହନ୍ତି ଶଶିରେଖାଙ୍କ ପରିବାର। ସ୍ୱାମୀ କୃଷ୍ଣ ମହନନ୍ଦିଆ ୨୫ ବର୍ଷ ହେଲା ଆରପାରିକୁ ଚାଲିଗଲେଣି। ପୁଅ ହରିଶ୍ଚନ୍ଦ୍ରଙ୍କ ୨ ବର୍ଷ ହେଲା ମୃତ୍ୟୁ ଘଟିଛି। ଘରେ ବୋହୁ ଅଞ୍ଜନା, ନାତି ଅଶ୍ୱିନୀ, ନାତୁଣୀ ସୁଷମା, ସୀମା ଓ ରିମା। ୬ ପ୍ରାଣୀ କୁଟୁମ୍ବ ଚଳିବାକୁ ଜମିବାଡି କିଛି ନାହିଁ। ଆବାସ ଯୋଜନାରେ ଘର

### ଅସହାୟ ପରିବାରଙ୍କୁ ମିଳୁନି ଘର

ପାଇଁ ବହୁବାର ଆବେଦନ କରିଥିଲେ ହେଁ ତାଙ୍କୁ ଏଯାଏ ମିଳିନାହିଁ । ଫଳରେ ପଲିଥିନ ତଳେ ଏହି ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ପରିବାରର ଏକମାତ୍ର ରୋଜଗାର ବ୍ୟକ୍ତି ଗଲା ପରେ ବହୁ କଷ୍ଟରେ ଚଳୁଛନ୍ତି ଶଶିଙ୍କ ପରିବାର। ପଞ୍ଚାୟତରୁ ମିଳୁଛି ୩୦ କିଲୋ ଚାଉଳ ଓ ଦୁଇ ଜଣଙ୍କ ୧୦୦୦ ଟଙ୍କା ଭତ୍ତା। ଅଞ୍ଜନାଙ୍କ ତିନି ଝିଅ ବାହା ହେବାକୁ ହେଲେଣି। ଘର ଅବସ୍ଥା ଦେଖି ବର ଘର ଜୁଟୁନାହିଁ। ବର ଘର ଜୁଟିଲେ ବି ସମ୍ବଳ ନ ଥିବାରୁ ବାହାଘର କରି ପାରୁନାହିଁ ବୋଲି ଦୁଃଖର ସହ କହିଛନ୍ତି ଅଞ୍ଜନା । ସରକାର ଏହି ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି ହେଉଛି ।

# ଲେଖକ, ମଣିଷ ଭାବେ ଥିଲେ ଅଭିନ୍ନ

**ବଲାଙ୍ଗୀର ଅଫିସ, ୨୦।୬**

### ନାରାୟଣ ପୃଷେଠ୍ଙ୍କ ୭୮ତମ ଜୟନ୍ତୀରେ ଭର୍ଚୁଆଲ ସ୍ମାରକୀ ବକ୍ତୃତା

ବିଶିଷ୍ଟ ଶିକ୍ଷାବିତ୍, ପ୍ରାବନ୍ଧିକ, ଗ୍ରନ୍ଥକାର ତଥା ସମ୍ପାଦକ ପ୍ରଫେସର ନାରାୟଣ ପୃଷେଠ୍ଙ୍କ ରବିବାର ୭୮ତମ ଜୟନ୍ତୀ ଅବସରରେ ଏକ ଭର୍ଚୁଆଲ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଛି। ପ୍ରଫେସର ନାରାୟଣ ପୃଷେଠ୍ ସ୍ମୃତି କମିଟି ପକ୍ଷରୁ ସଭାପତି ସନ୍ଦୀପ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକଭାବେ ପୂର୍ବତନ ଏମ୍‌ପି ମହାମେଘବାହନ ଐର ଖାରବେଳ ସ୍ୱାଇଁ ଯୋଗଦାନ କରି ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। 'ମୋର ବିଜ୍ଞବନ୍ଧୁ ନାରାୟଣ ପୃଷେଠ୍' ବିଷୟରେ ଆଲୋଚନା କରି ଜଣେ ମଣିଷ ଭାବେ ସେ ବହୁ ସମ୍ମାନର ଅଧିକାରୀ ଥିଲେ ବୋଲି କହିଥିଲେ। ସମାଜରେ ବହୁ ଉଚ୍ଚକୋଟୀର ଲେଖକ, ସାହିତ୍ୟିକ ଅଛନ୍ତି, ମାତ୍ର ସେମାନଙ୍କ ମଧ୍ୟରୁ ବହୁ କମ୍ ଏଭଳି ମଣିଷ ଅଛନ୍ତି ଯେଉଁମାନେ ଭଲ ମଣିଷ। ମାତ୍ର ପ୍ରଫେସର ନାରାୟଣ ପୃଷେଠ୍ ଉଭୟ ଲେଖକ ଓ ମଣିଷ ଭାବେ ଅଭିନ୍ନ ବୋଲି ଆଲୋଚକ ସ୍ୱାଇଁ କହିଥିଲେ। ପ୍ରଫେସର ପୃଷେଠ୍ଙ୍କ ଭିତରେ ସେ ଛଦ୍ମତା ନଥିଲା ବୋଲି କହିଥିଲେ। ସମାଜରେ ଦୁଇ ପ୍ରକାରର ଦୁର୍ନୀତି ରହିଛି ଗୋଟିଏ ଶାରୀରିକ ଓ ଅନ୍ୟଟି ବୌଦ୍ଧିକ ଦୁର୍ନୀତି। ଶାରିରିକ ଦୁର୍ନୀତି ଅପେକ୍ଷା ବୌଦ୍ଧିକ ଦୁର୍ନୀତି ମାରାତ୍ମକ ବୋଲି କହି ସମାଜର ଅଧୋଗତିରେ ବୌଦ୍ଧିକ ଦୁର୍ନୀତି ବାଧକ ବୋଲି କହିଥିଲେ। ତାଙ୍କ ବକ୍ତବ୍ୟରେ ପ୍ରଫେସର ପୃଷେଠ୍ଙ୍କୁ ସେ ଓଡିଶାର ଜଣେ ଯଶସ୍ୱୀ ବାଗ୍ମୀ ବୋଲି କହିବା ସହ ବହୁ ସ୍ମୃତି ଓ ଅନୁଭୂତି ବାଣ୍ଟିଥିଲେ। ଏହି ଅବସରରେ ପ୍ରଫେସର ପୃଷେଠ୍ଙ୍କ ପ୍ରବନ୍ଧ ସଙ୍କଳନ କେତେ ଦୃଷ୍ଟି କେତେ ଦିଗନ୍ତକୁ ପୂର୍ବତନ ଏମପି ସ୍ୱାଇଁ ଭର୍ଚ୍ଚୁଆଲ ଉନ୍ମୋଚନ କରିଥିଲେ। ସଭାରେ ଆଇଆଇପିଏର ଆସିଷ୍ଟାଣ୍ଟ ପ୍ରଫେସର ଡ. ସୁଜିତ କୁମାର ପୃଷେଠ୍, ଶିଳ୍ପୀ ଓ ସ୍ଥପତି ଅନ୍ତର୍ଯାମୀ ମେହେର, ଶିକ୍ଷାବିତ୍ ଟେକଚାନ୍ଦ ଦୁଆନ୍ ଓ ପ୍ରଦୀପ କୁମାର ହୋତା ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବୀରେନ୍ଦ୍ର କୁମାର ଝାଙ୍କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅନ୍‌ଲାଇନ୍ କାର୍ଯ୍ୟକ୍ରମ ପରିଚାଳନାରେ ଦିଲ୍ଲୀର ପ୍ରତ୍ୟୁଷ ପ୍ରଭାକର ବୈଷୟିକ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଗବେଷକ, ଅଧ୍ୟାପକ, ସାହିତ୍ୟିକ ଯୋଗଦାନ କରିଥିଲେ।


ଖାରବେଳ ସ୍ୱାଇଁ।


ସନ୍ଦୀପ କୁମାର କୁଅଁର।


ଡ. ସୁଜିତ କୁମାର ପୃଷେଠ୍।

# ବଲାଙ୍ଗୀରରେ ଫଳପକ୍ୱ ଭଣ୍ଡାର ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୨୦।୬**

ଜାତୀୟ ଉଦ୍ୟାନ କୃଷି ମିଶନ ଅଧିନରେ ବଲାଙ୍ଗୀରଠାରେ ପ୍ରଥମ ଫଳପକ୍ୱ ଭଣ୍ଡାର ବା ରାଇପେନିଂ ଚ୍ୟାମ୍ବର ରବିବାର ଉଦ୍‌ଘାଟିତ ହୋଇଛି। ଏଠାରେ ଆଗକୁ ଫଳଚାଷୀ ଓ ବ୍ୟବସାୟୀମାନେ ସୁବିଧାରେ କଞ୍ଚା କଦଳୀ ଓ ଅନ୍ୟାନ୍ୟ ଫଳକୁ ପଚାଇ ପାରିବେ। ପ୍ରକଳ୍ପ ସ୍ୱତ୍ତ୍ୱାଧିକାରୀ ସୁରେଶ କୁମାର ସାହୁଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ୧ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପକୁ ଉଦ୍ୟାନ ବିଭାଗ ପକ୍ଷରୁ ବୈଷୟିକ ଜ୍ଞାନ କୌଶଳ ସହଯୋଗ ଦିଆଯାଇଛି। ସରକାରୀ ଯୋଜନାରେ ୩୫ଲକ୍ଷ ଟଙ୍କା ରିହାତି ଦିଆଯିବ ବୋଲି ସୂଚନା ଦିଆଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିବା ପ୍ରକଳ୍ପ ୨୦୨୧-୨୨ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ହୋଇଛି। ଉକ୍ତ ପ୍ରକଳ୍ପକୁ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଶାରଦା ପ୍ରସାଦ ନାୟକ ଯୁଗ୍ମ ତଦାରଖ କମିଟି ଦ୍ୱାରା ସର୍ବେକ୍ଷଣ କରାଇଛନ୍ତି। ପ୍ରକଳ୍ପଟିକୁ କୋଭିଡ କଟକଣା ନିୟମ ମାନି ଉଦ୍‌ଘାଟନ କରାଯାଇଛି। ଯୁଗ୍ମ ତଦାରଖ କମିଟିରେ ଉଦ୍ୟାନ ଉପନିର୍ଦ୍ଦେଶକ ନାୟକଙ୍କ ନେତୃତ୍ୱରେ ନାବାର୍ଡ ଡିଡିଏମ୍ ଲକ୍ଷ୍ମଣ କୁମାର ସଏ, ବଲାଙ୍ଗୀର ଏଡିବି ବ୍ୟାଙ୍କ କ୍ଷେତ୍ର ଅଧିକାରୀ ଦୀପକ କୁମାର ପାଣିଗ୍ରାହୀ, ବିଭାଗୀୟ ଇଞ୍ଜିନିୟର ପବିତ୍ର ମୋହନ ନାଏକ, କୃଷି ନିର୍ବାହୀ ଯନ୍ତ୍ରୀ ଚୌଧୁରୀ ଦେବବ୍ରତ ଦାଶ, ଜିଲ୍ଲା ଶିଳ୍ପକେନ୍ଦ୍ର ଜେନେରାଲ ମ୍ୟାନେଜର ପ୍ରଭୁ ପ୍ରସାଦ ଚୌଧୁରୀ, ସହକାରୀ ଉଦ୍ୟାନ ଅଧିକାରୀ ତୀର୍ଯକ୍ କୁମାର ଦାଶ, ପୂର୍ବତନ ଉଦ୍ୟାନ ଅଧିକାରୀ କେଶବ ଚନ୍ଦ୍ର ମିଶ୍ର ଓ ମାଁ ସନ୍ତୋଷୀ ଫ୍ରୁଟ୍ସ କମ୍ପାନୀ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଏହି ପ୍ରକଳ୍ପ ପାଇଁ ବଲାଙ୍ଗୀର ବହୁ ଫଳଚାଷୀ ଓ ବ୍ୟବସାୟୀ ଦାବି କରିଆସୁଥିଲେ। ଏଭଳି ଏକ ପ୍ରକଳ୍ପ ତିଆରି ଦିଗରେ ସତ୍ତ୍ୱାଧିକାରୀ ସାହୁ ଆଗେଇ ଆସିଥିବାରୁ ଉଦ୍ୟାନ ବିଭାଗ ଓ ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଜିଲାର କଦଳୀ ଚାଷୀ ଓ ଫଳଚାଷୀମାନେ ଉପକୃତ ହେବେ ବୋଲି ଉଦ୍ୟାନ ଉପନିର୍ଦ୍ଦେଶକ ନାୟକ କହିଛନ୍ତି। ଏହି ଫଳପକ୍ୱ ଭଣ୍ଡାରର କ୍ଷମତା ୧୦୦ ମେଟ୍ରିକ ଟନ୍ ରହିଥିବାବେଳେ ୨୪ ଘଣ୍ଟା ମଧ୍ୟରେ ଏହା ପରିପକ୍ୱ କରାଯାଇପାରିବ।


ଫଳପକ୍ୱ ଭଣ୍ଡାର ଉଦ୍‌ଘାଟନ ଅବସରରେ ବୈଷୟିକ କମିଟି ସଦସ୍ୟ, ସ୍ୱତ୍ୱାଧିକାର।

# ଜିଲା ପ୍ରଶାସନର ତଦନ୍ତ ଆରମ୍ଭ

### ବିଡିଓଙ୍କ ଡିଏସସିର ଦୁରୁପଯୋଗ କରି ଲକ୍ଷାଧିକ ଟଙ୍କା ଆତ୍ମସାତ

**ଦେଓଗାଁ,୨୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୂରଲୀଧର ନାଏକଙ୍କ ଡିଜିଟାଲ ସିଗନେଟୋରୀ ସାର୍ଟିଫିକେଟ(ଡିଏସସି)ର ଦୁରୁପଯୋଗ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ଶୁକ୍ରବାର ଏକ ପ୍ରତିନିଧିଦଳ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଗତ ମାର୍ଚ୍ଚ ମାସରେ ବିଡିଓଭାବେ ନାଏକ କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ କିଛିଦିନ ତଳେ ବିଡିଓ ନାଏକଙ୍କ ଡିଜିଟାଲ ସିଗନେଟୋରୀ ସାର୍ଟିଫିକେଟର ଦୁରୁପଯୋଗ କରି ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଇଥିବା ଜଣା ପଡିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଉକ୍ତ ଅଭିଯୋଗ ଜିଲା ପ୍ରଶାସନର ଦୃଷ୍ଟିକୁ ଆସିବା ପରେ ଏକ ଟିମ ବ୍ଲକକୁ ଆସି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ ରାଜ୍ୟ ସରକାର ବିଜୁ ପକ୍କା ଘରମାନଙ୍କରେ ବିଜୁବାବୁଙ୍କ ଲୋଗୋ ଥିବା ଏକ ଫଳକ ଲଗାଇବା ପାଇଁ ୫୭ଟଙ୍କାର ବ୍ୟୟ ଅଟକଳ ରଖିଛନ୍ତି । ସେହି ଅର୍ଥକୁ ବିଡିଓ ନାଏକଙ୍କ ଡିଏସସିକୁ ବ୍ୟବହାର କରି ଜାଲ କାଗଜପତ୍ରରେ ୩ଲକ୍ଷ ୭୦ହଜାର ଟଙ୍କା ବିଲ୍ ଭାଉଚର ଦର୍ଶାଇ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏହାବାଦ ଆହୁରି ହାରାହାରି ୪ଲକ୍ଷ ୫୦ ହଜାର ଟଙ୍କା ଏହିପରି ମୋଟ ୮ଲକ୍ଷ ୨୦ହଜାର ଟଙ୍କା ଆତ୍ମସାତ୍ କରାଯାଇଥିବା ସୂଚନା ମିଳିବାପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି । ଏ ନେଇ ବିଡିଓ ନାଏକଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କେତେକ ଅଧିକାରୀ ବ୍ଲକ ଅଫିସ ଆସି ଫାଇଲପତ୍ର ଯାଞ୍ଚ କରିଥିଲେ। ଅଭିଯୋଗ ପ୍ରମାଣିତ ହେଲେ ସବିଶେଷ ସୂଚନା ଦିଆଯିବ ବୋଲି ସେ କହିଥିଲେ।

# ଲଣ୍ଡାପଥର ଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ

ଦେଓଗାଁ,୨୦।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଲଣ୍ଡାପଥର ପଞ୍ଚାୟତ ମୁଖ୍ୟାଳୟରେ ରବିବାର ଅପରାହ୍ନରେ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ କୋଭିଡ କଟକଣା ମଧ୍ୟରେ ସମ୍ପନ୍ନ ହୋଇଛି । ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ଗାଁର ପ୍ରତ୍ୟେକ ଘରୁ ଧାନ, କଉଡି ଆଦି ନେଇ ମହିଳା ପୁରୁଷମାନେ ସାମାଜିକ ଦୂରତ୍ୱ ପାଳନ କରି ମନ୍ଦିର ରତ୍ନମୁଦ ସ୍ଥାପନ କରିଥିଲେ। ପୂଜକଭାବେ ମନୋଜ ପଣ୍ଡା, ସରୋଜ ସ୍ୱାଇଁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏ ଅବସରରେ ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ସ୍ଥାନୀୟ ସରପଞ୍ଚ ସୁଶୀଳା କୁମ୍ଭାର,ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର ସାହୁ, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଯୋଗଦେଇଥିଲେ।



# ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଲୋକାର୍ପିତ


ସୌନ୍ଦର୍ଯ୍ୟକରଣ ପ୍ରକଳ୍ପକୁ ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୦।୬: ବଲାଙ୍ଗୀର ସହର ଲାଲଟ୍ରିକା ସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଛକ ସମ୍ମୁଖରେ ସରକାରଙ୍କ କର୍ମତତ୍ପର ଅଭିଯାନ ରାଶିରୁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପକୁ ରବିବାର ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ମିଶ୍ର କହିଥିଲେ ଯେ, ଏହା ଏକ ଛୋଟ ପ୍ରକଳ୍ପ ହେଲେ ମଧ୍ୟ ବଲାଙ୍ଗୀର ସହରର ସୌନ୍ଦର୍ଯ୍ୟକରଣରେ ଏହାର ଭୂମିକା ଗୌଣ ନୁହେଁ। ଏହି ସ୍ଥାନଟି ଏ ଅଞ୍ଚଳ ତଥା ଆଖପାଖ ଅଞ୍ଚଳ ଲୋକଙ୍କୁ ନିଶ୍ଚିୟ ଆକର୍ଷିତ କରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, କନିଷ୍ଠ ଯନ୍ତ୍ରୀ ରୋଜାଲିନ୍ ରାଉତ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୀଷ ମିଶ୍ର, ଅସିତ ମିଶ୍ର, ବୁଲୁ ଦାନୀ, ସାନନ୍ଦ ମିଶ୍ର, କୁଳମଣି ସାହୁ, କୈଳାସ ମିଶ୍ର, ଓ ସ୍ଥାନୀୟ ମହିଳା, ପୁରୁଷମାନେ ଉପସ୍ଥିତ ଥିଲେ।

CLASSIFIED DISPLAY
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

GALAXY TOWER
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କ୍ୟାନ୍‌ସର ଆକ୍ରାନ୍ତଙ୍କୁ ସହାୟତା କଲା ଯୁବ ସଂଗଠନ


ରାଜେଶଙ୍କୁ ସହାୟତା ପ୍ରଦାନ କରିବା ଅବସରରେ ଯୁବ ସଂଗଠନ ସଦସ୍ୟମାନେ।

ଧରିତ୍ରୀ ପ୍ରଭାବ

ଅମରପାଲି,୨୦।୬(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଗୌଡଗାଡି ଗ୍ରାମର ଜଣେ ଯୁବକ କ୍ୟାନସର ଆକ୍ରାନ୍ତ ହୋଇଛନ୍ତି। ଅର୍ଥାଭାବ ଯୋଗୁଁ ତାଙ୍କର ଚିକିତ୍ସା ହୋଇ ପାରୁନି। ଏନେଇ ଗତ ୧୯ ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ରବିବାର ଅପରାହ୍ନରେ କ୍ୟାନସର ଆକ୍ରାନ୍ତ ରାଜେଶ ଜଗତଙ୍କ ଘରେ ସହାୟତା ପାଇଁ ପହଞ୍ଚିଛି ବୀରମହାରାଜପୁର ଅଞ୍ଚଳର ଯୁବ ମହାସଂଘ ଓ ସୀୟା ସଂଗଠନ। ଉଭୟ ସଂଗଠନ ସଦସ୍ୟମାନେ ରାଜେଶଙ୍କ ଘରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତାଙ୍କର ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହି ତାଙ୍କ ପରିବାରକୁ ୨ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି। ଆଗାମୀ ଦୁଇ ଦିନ ମଧ୍ୟରେ ରାଜେଶଙ୍କୁ ମେଡିକାଲ ନିଆଯିବ ବୋଲି ଯୁବ ମହାସଂଘ ସଭାପତି ଆନନ୍ଦ ବିଶ୍ୱାଳ ପ୍ରକାଶ କରିଛନ୍ତି। ସିୟା ସଂଗଠନର ସଭାପତି ଦିଲୀପ ପ୍ରଧାନ, ଉପସଭାପତି ସୁଶାନ୍ତ ଭୋଇ, ଯୁବ ମହାସଂଘର ସମ୍ପାଦକ ପ୍ରଶାନ୍ତ ମାଝୀ, ସଭାପତି ଆନନ୍ଦ ବିଶ୍ୱାଳ, ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଶିକ୍ଷାବିତ ପ୍ରାଣବନ୍ଧୁ ସାହୁ, ସଭ୍ୟ ରଞ୍ଜନ ଖେତି, ଭରଦ୍ୱାଜ କର୍ମୀ ପ୍ରମୁଖ ଆକ୍ରାନ୍ତଙ୍କ ଘରକୁ ଯାଇଥିଲେ ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଓଁ ସାଇରାମ



✓ସୁବାସିନୀ ପ୍ରଧାନ
ଆବିର୍ଭାବ : ୨୦-୧୧-୧୯୫୭
ତିରୋଧାନ : ୧୧-୦୬-୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-: ଶୋକସନ୍ତପ୍ତ :-
ସ୍ୱାମୀ-ଶ୍ରୀ ରାମଚନ୍ଦ୍ର ପ୍ରଧାନ, ପୁଅ-ସ୍ମୃତି ରଞ୍ଜନ ପ୍ରଧାନ, ବୋହୂ-ମୋମି ପ୍ରଧାନ, ନାତି-ହଂସରାଜ ପ୍ରଧାନ, ଭାଇ-ପ୍ରମୋଦ କୁମାର ରାଉତରାୟ ଓ ଭାଉଜ-ଶାନ୍ତିଲତା ରାଉତରାୟ, ସମୁଦି-ସମୁଦୁଣୀ, ଦିଅର-ଯା, ପୁତୁରା-ବୋହୂ, ନଣନ୍ଦ-ନଣଦେଇ, ମଉସା-ମାଉସୀ, ଭଉଣୀ-ଭିଣେଇ, ଭଣଜା-ବୋହୂ, ଭାଣିଜୀ-ଜ୍ୱାଇଁ, ଝିଆରି-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୭୧୧୦୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ହେମଲତା ମିଶ୍ର
୩୬- ରତ୍ନାକରବାଗ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୨୮
ତିରୋଧାନ: ୧୨।୦୬।୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଏବଂ ଲୋକପ୍ରିୟତା ପାଇଁ ଆପଣ ଚିର ସ୍ମରଣୀୟ ହୋଇ ରହିବେ। ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ନିବେଦନ । ଶୋକସନ୍ତପ୍ତ:- ସ୍ୱାମୀ: ସୀରପାଣୀ ମିଶ୍ର, ପୁତ୍ର: ରାଜକିଶୋର, ପୁତ୍ରବଧୂ: ରମା, ପୁତ୍ର: କୁମାର ବଲ୍ଲଭ, ପୁତ୍ରବଧୂ: ବୁବୁ, ପୁତ୍ର: ଦିଲ୍ଲିପ କୁମାର, ଝିଅ: ସ୍ୱର୍ଣ୍ଣପ୍ରଭା, ଜ୍ୱାଇଁ: ରାଜ କିଶୋର, ନାତି ଏବଂ ଅଣନାତି, ଅଣନାତୁଣୀ ଓ ପରିବାରବର୍ଗ ।
ଧ-୭୦୮୫୩

ଶ୍ରଦ୍ଧାଞ୍ଜଳି



✓ଗଡ଼ତିଆ ମହାପାତ୍ର
ଗ୍ରାମ: କୁଟସିରା, ଖାରୀ, ସୁବର୍ଣ୍ଣପୁର
ଆବିର୍ଭାବ: ୧୧।୦୬।୧୯୪୮
ତିରୋଧାନ: ୧୧।୦୬।୨୦୨୧
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଏହାହିଁ ମା' ପୂର୍ଣ୍ଣମାସୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆମର ପ୍ରାର୍ଥନା ।
:ଶ୍ରଦ୍ଧାଞ୍ଜଳି ସହ:
ପାର୍ଥବ ମହାପାତ୍ର, ସାର୍ଥବ ମହାପାତ୍ର, ଲକ୍ଷ୍ମିନ୍ଦ୍ର ମହାପାତ୍ର, କାର୍ତ୍ତିକ ମହାପାତ୍ର, ଯତିନ୍ଦ୍ର ମହାପାତ୍ର ଓ ପରିବାରବର୍ଗ ।
ଧ-୭୦୯୨୮

ପ୍ରଥମ ବାର୍ଷିକ



✓ଆଶିଷ କୁମାର ମହାପାତ୍ର
ଆବିର୍ଭାବ: ୩୦।୦୯।୧୯୬୭
ତିରୋଧାନ: ୦୨।୦୬।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁତ୍ର: ବାଦଲ, ଆକାଶ, ଝିଅ: ବର୍ଷା, ନିଧି, ଭଣଜା: ଶିବା
ଧ-୭୦୯୧୮

ଏକାଦଶାହ ଉପଲକ୍ଷେ



✓ ସତ୍ୟଭାମା ତ୍ରିପାଠୀ
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଷ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି
ଧ-୭୦୯୧୧